# ପ୍ରବର୍ତ୍ତନ ସଂସ୍ଥାମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର,୨୪/୦୪/୨୦୨୪:

'ସ୍ୱଚ୍ଛ ଓ ମୁକ୍ତ ନିର୍ବାଚନ ପ୍ରକ୍ରିୟା ହେଉଛି ଭାରତୀୟ ଗଣତନ୍ତ୍ରର ମୂଳସ୍ତମ୍ଭ । ଭାରତୀୟ ଗଣତନ୍ତ୍ର ସମଗ୍ର ବିଶ୍ୱରେ ଏହାର ମୁକ୍ତ, ଅବାଧ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ନିର୍ବାଚନ ପ୍ରକ୍ରିୟା ପାଇଁ ପ୍ରସିଦ୍ଧ । ଏହି ପ୍ରତିଷ୍ଠାକୁ ବଜାୟ ରଖିବା ପାଇଁ ଓ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ କରିବା ପାଇଁ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ।'

ଆଜି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ନିକୁଞ୍ଜ ବିହାରୀ ଧଳ ଭୁବନେଶ୍ୱର ଖାରବେଳ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସାଧାରଣ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଶ୍ରୀ ଯୋଗେନ୍ଦ୍ର ତ୍ରିପାଠୀ (ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ), ପୋଲିସ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଶ୍ରୀ ରଜନୀକାନ୍ତ ମିଶ୍ର (ଅବସରପ୍ରାପ୍ତ ଭାରତୀୟ ପୁଲିସ ସେବା ଅଧିକାରୀ), ସ୍ୱତନ୍ତ୍ର ବ୍ୟୟ ପର୍ଯ୍ୟବେକ୍ଷକ ଶ୍ରୀମତୀ ହିମାଲିନୀ କାଶ୍ୟପ (ଅବସରପ୍ରାପ୍ତ ଭାରତୀୟ ରାଜସ୍ୱ ସେବା ଅଧିକାରୀ)ଙ୍କ ଉପସ୍ଥିତିରେ ରାଜ୍ୟର ସମସ୍ତ ପ୍ରବର୍ତ୍ତନ ସଂସ୍ଥାର ସର୍ବୋଚ୍ଚ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରି ଏଭଳି ମତ ପ୍ରକାଶ କରିଛନ୍ତି ।

ବୈଠକରେ ନିଜର ପ୍ରାରମ୍ଭିକ ବକ୍ତବ୍ୟ ରଖି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ନିକୁଞ୍ଜ ବିହାରୀ ଧଳ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ପାଇଁ ସମସ୍ତ ପ୍ରବର୍ତ୍ତନ ସଂସ୍ଥାର ଗୁରୁଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ରାଜ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଅନୈତିକ ଉପାୟରେ ବ୍ୟବହୃତ ହେଉଥିବା ଧନବଳ, ମାଦକ ଦ୍ରବ୍ୟ ଓ ଉପହାର ଆଦିକୁ ରୋକିବା ପାଇଁ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ସକ୍ରିୟ ନିୟନ୍ତ୍ରଣ ବ୍ୟବସ୍ଥା ବିଷୟରେ ଶ୍ରୀ ଧଳ ଆଲୋଚନା କରିଥିଲେ ।

ଏହି ଅବସରରେ ରାଜ୍ୟରେ କାର୍ଯ୍ୟରତ ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥା ଯଥା-ଓଡ଼ିଶା ପୋଲିସ, ଅବକାରୀ ବିଭାଗ, ଆୟକର ବିଭାଗ, ରାଜ୍ୟ ଜିଏସ୍‌ଟି, କେନ୍ଦ୍ର ଜିଏସ୍‌ଟି, ବ୍ୟାଙ୍କସମୂହ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଏୟାରପୋର୍ଟ ଅଥରିଟି, ଡାକ ବିଭାଗ, ସିଆଇଏସ୍‌ଏଫ୍, ଆରପିଏଫ୍, ଏନ୍‌ସିବି, ରାଜସ୍ୱ ଗୁଇନ୍ଦା ବିଭାଗ, ଜଙ୍ଗଲ ବିଭାଗ, ଭାରତୀୟ କୋଷ୍ଟ ଗାର୍ଡ଼, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ବେସାମରିକ ବିମାନ ଚଳାଚଳ ବିଭାଗ ଓ ସିଆର୍‌ପିଏଫ୍‌ର ରାଜ୍ୟ ନୋଡାଲ ଅଧିକାରୀମାନେ ପିପିଟି ପ୍ରେଜେଣ୍ଟେସନ୍ ମାଧ୍ୟମରେ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ପର୍ଯ୍ୟବେକ୍ଷକମାନଙ୍କ ସମ୍ମୁଖରେ ନିର୍ବାଚନ ପ୍ରସ୍ତୁତି, ଜବତ ବ୍ୟବସ୍ଥା ଓ ତା'ର କାର୍ଯ୍ୟାନ୍ୱୟନ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ରଖିଥିଲେ ।

ଏହି ପିପିଟି ପ୍ରେଜେଣ୍ଟେସନ୍ ପରେ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ଦ୍ୱାରା ହିଁ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ସମ୍ଭବ ବୋଲି ମତପ୍ରକାଶ କରିଥିଲେ । ଏହି ମର୍ମରେ ରାଜ୍ୟ ସ୍ତରରୁ ଆରମ୍ଭ କରି ତୃଣମୂଳ ସ୍ତର ପର୍ଯ୍ୟନ୍ତ ସମସ୍ତ ପ୍ରବର୍ତ୍ତନ ସଂସ୍ଥାମାନେ ସମନ୍ୱୟ ମାଧ୍ୟମରେ ହିଁ ରାଜ୍ୟରେ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ ସ୍ୱଚ୍ଛ, ମୁକ୍ତ, ଅବାଧ ଓ ନିରପେକ୍ଷ ରୂପେ ପରିଚାଳନା କରିବାରେ ସର୍ବଥା ଚେଷ୍ଟିତ ରହିବାକୁ ସେ ପ୍ରେରିତ କରିଥିଲେ ।

ବୈଠକରେ ଉପସ୍ଥାପିତ ତଥ୍ୟ ଅନୁସାରେ ସାଧାରଣ ନିର୍ବାଚନ-୨୦୨୪ରେ ୨୦.୮ କୋଟି ଟଙ୍କାର ସାମଗ୍ରୀ ଜବତ ହୋଇଥିବାବେଳେ ସାଧାରଣ ନିର୍ବାଚନ-୨୦୧୯ରେ ୪୪.୦୭ କୋଟି ଟଙ୍କାର ସମଗ୍ରୀ ଜବତ ହୋଇଥିଲା । କିନ୍ତୁ ସାଧାରଣ ନିର୍ବାଚନ-୨୦୨୪ରେ ସମସ୍ତ ସଂସ୍ଥା ମିଶି ଜାନୁଆରୀ ୧ରୁ ଫେବୃଆରୀ ୨୯ ମଧ୍ୟରେ ୭୬.୪୦ କୋଟି ଓ ମାର୍ଚ୍ଚ ୧ରୁ ଅପ୍ରେଲ ୨୨ ପର୍ଯ୍ୟନ୍ତ ୧୩୬.୯୪ କୋଟି ଟଙ୍କାର ସାମଗ୍ରୀ ଜବତ କରିସାରିଛନ୍ତି । ପ୍ରବର୍ତ୍ତନ ସଂସ୍ଥାମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ 'ଜିରୋ ଟଲରାନ୍ସ ଆପ୍ରୋଚ୍' ସହ ଅର୍ଥବଳ, ମାଦକ ଦ୍ରବ୍ୟ ଓ ଲୋଭନୀୟ ବସ୍ତୁର ପ୍ରଭାବକୁ ପ୍ରତିହତ କରି ରାଜ୍ୟରେ ମୁକ୍ତ, ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ।

## SEIZURES MADE DURING LAST TWO GENERAL ELECTIONS (ALL AGENCIES)

| Election | Cash | Liquor | | Drugs/Narcotics | | Precious Metals | | Freebies/ Other Items | Total |
|---|---|---|---|---|---|---|---|---|---|
| | (Rs. Crore) | Quantity (Lakh Litre) | Monetary Value (Rs. Crore) | Quantity (Kg) | Monetary Value (Rs. Crore) | Quantity (Kg) | Monetary Value (Rs. Crore) | (Rs. Crore) | (Rs. Crore) |
| SGE-2014 | 1.89 | 4.80 | 6.65 | 125.7 | 7.23 | 0 | 0 | 4.31 | 20.08 |
| SGE-2019 | 1.17 | 3.30 | 9.42 | 740.48 | 22.20 | 0 | 0 | 11.28 | 44.07 |

## SEIZURES MADE FROM 1ST JANUARY TO 29TH FEB-2024 (ALL AGENCIES)

| Election | Cash | Liquor | | Drugs/Narcotics | | Precious Metals | | Freebies/ Other Items | Total |
|---|---|---|---|---|---|---|---|---|---|
| | Rs. (In Crores) | Quantity (in Lakh litres) | Monetary Value (in Crores) | Quantity (in Qntl) | Monetary Value (Rs. In Crore) | Quantity (Kg) | Monetary Value (Rs. In Crore) | (Rs. In Crore) | (Rs. In Crore) |
| SGE-2024 | 4.46 | 6.37 | 13.73 | 290.78 | 33.40 | 8.06 | 4.92 | 19.89 | 76.40 |

## SEIZURES MADE FROM 1ST MARCH TO 22ND APRIL-2024 (ALL AGENCIES)

| Election | Cash | Liquor | | Drugs/Narcotics | | Precious Metals | | Freebies | Other Items | Total |
|---|---|---|---|---|---|---|---|---|---|---|
| | (Rs. In Crores) | Quantity (in Lakh litres) | Monetary Value (Rs. in Crores) | Quantity (Qntls) | Monetary Value (Rs. In Crores) | Quantity (Kg) | Monetary Value (Rs. In Crores) | (Rs. In Crores) | (Rs. In Crores) | (Rs. In Crores) |
| SGE-2024 | 3.96 | 16.63 | 20.48 | 367.64 | 49.49 | 13.16 | 9.43 | 0.25 | 53.51 | 136.92 |

ବୈଠକ ଶେଷରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଏନ୍. ତିରୁମାଲା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ବିନାୟକ ମିଶ୍ର
ଲୋକସମ୍ପର୍କ ଅଧିକାରୀ